## ଠିକାଦାରଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ

# ୪ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ, ୩ ଖଣ୍ଡା ସହ ବନ୍ଧୁକ ଜବତ

ବାଲେଶ୍ୱର,୨୬ ।୪(ସମିସ)




ବାଲେଶ୍ୱରରେ ଏବେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ସହରରେ ଛିନ୍ତାଇ ଠାରୁ ଆରମ୍ଭ କରି ଗାଁରେ ଠିକାଦାରଙ୍କ ଠାରୁ ଦାଦାବଟି ଆଦାୟ କରିବା ଆଦି ଅପରାଧ ବୃଦ୍ଧି ପାଉଛି। ସଦର ଥାନା ଅର୍ନ୍ତଗତ ଗୁଡୁଦା ଠାରେ ଚାଲିଥିବା ଏକ ରାସ୍ତାକାମରେ ନିୟୋଜିତ ଜଣେ ଠିକାଦାରଙ୍କ ଠାରୁ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରିବା ଅଭିଯୋଗରେ ସଦର ପୁଲିସ ୪ଜଣ କୁଖ୍ୟାତ ଅପରାଧୀକୁ ଗିରଫ କରିଛି। ସେମାନଙ୍କ ଠାରୁ ୩ଟି ଖଣ୍ଡା ସହ ଗୋଟିଏ ବନ୍ଧୁକ ଓ ଜୀବନ୍ତ ଗୁଳି ଜବତ କରିଛି। ସେହିପରି ନଗଦ ୩ ହଜାର ୫ ଶହ ଟଙ୍କା ମଧ୍ୟ ଜବତ କରିଛି ବୋଲି ସଦର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ସୂଚନା ଦେଇଛନ୍ତି। ଏ ନେଇ ସଦର ଥାନାରେ ୨୪୬/୨୬ ନମ୍ବରରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଗିରଫ ହୋଇଥିବା କୁଖ୍ୟାତ ଅପରାଧୀମାନେ ହେଲେ ସାହାର୍ଦା ଅଞ୍ଚଳର ଜଇରାମ ଦାସ(୩୩), ରାକେଶ ଦାସ(୧୯), ବିକି ଦାସ(୧୯) ଏବଂ ରଘୁନାଥପୁର ଅଞ୍ଚଳର ମନୋଜ ବେହେରା (୨୬)। ସୂଚନା ଅନୁସାରେ, ଚଳିତ ମାସ ୨୨ତାରିଖ ସକାଳ ୧୧ଟା ସମୟରେ ଏକ ଗ୍ୟାଙ୍ଗର ଜୟୀରାମଙ୍କ ସହ ୫ରୁ ୬ଜଣ ଦୁର୍ବୃତ୍ତ ବନ୍ଧୁକ ସହ କିଛି ମାରଣାସ୍ତ୍ର ଧରି ଗୁଡୁଦା ଛକରେ ପହଞ୍ଚିଥିଲେ। ସେଠାରେ ଏକ ରାସ୍ତାକାମ ହେଉଥିବାବେଳେ ସୁପରଭାଇଜରଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କଠାରୁ ଜୋର ଜବରଦସ୍ତ ୧୦ହଜାର ଟଙ୍କା ଦାଦାବଟି ଆଦାୟ କରି ଫେରାର ହୋଇଯାଇଥିଲେ। ଏ ନେଇ ସଦର ଥାନା ଦିଗଦା ଅଞ୍ଚଳର ପ୍ରଦୀପ କୁମାର ପରିଡ଼ାଙ୍କ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଏହି ୪ ଜଣକୁ ପୁଲିସ ଗିରଫ କରିଛି। ତେବେ ଏହି ଗ୍ୟାଙ୍ଗରେ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି। ଏହାଛଡ଼ା ଗିରଫ ହୋଇଥିବା ଦୁର୍ଦ୍ଦାନ୍ତ ଅପରାଧୀଙ୍କ ନାମରେ ସଦର ଥାନା, ଟାଉନଥାନା, ରେମୁଣା ଆଦି ବିଭିନ୍ନ ଥାନାମାନଙ୍କରେ ଅଭିଯୋଗ ରହିଛି। ଏହି ଅପରାଧୀମାନେ, ବିଶେଷକରି ହଳଦୀପଦାଠାରୁ ଆରମ୍ଭ କରି ଗୁଡୁଦା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଦାଦାବଟି ଆଦାୟ କରନ୍ତି। ଏହାଛଡ଼ା ଜୟୀରାମଙ୍କ ନାମରେ ପୂର୍ବରୁ ହତ୍ୟା ଉଦ୍ୟମ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଭଳି ତିନୋଟି ମାମଲା ମଧ୍ୟ ରହିଛି। ବର୍ତମାନ ପୁଲିସ ଏହାକୁ ନେଇ ଅଧିକ ଖୋଳତାଡ଼ ଜାରି ରଖିଛି ବୋଲି ଏସଡିପିଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୁଲିସ କର୍ମଚାରୀ ସଞ୍ଜୀବ ବିଶ୍ୱାଳ, ହାବିଲଦାର ନିରୋଜ ରାଉତ, ମାୟାଧର ସିଂ, ପୂର୍ଣ୍ଣ ସିଂ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭକ୍ତକବି ଦୀନକୃଷ୍ଣ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଜଳେଶ୍ୱର,୨୬।୪(ସମିସ): ଭକ୍ତକବି ଦୀନକୃଷ୍ଣ ଦାସଙ୍କ ୪୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଆଜି ଦୀନକୃଷ୍ଣଙ୍କ ଜନ୍ମସ୍ଥାନ ମୁଣ୍ଡତୁଣିଆ କବିପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଦୀନକୃଷ୍ଣ ସ୍ମୃତି ପରିଷଦ ଓ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ମୃତିପରିଷଦର ସଭାପତି ଡ. ରମାକାନ୍ତ ଭଞ୍ଜ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ପ୍ରାଧ୍ୟାପକ ଡ. ଶିରିଶ ଚନ୍ଦ୍ର ଜେନା, ସାହିତ୍ୟ ଏକାଡେମୀର ଉପସଚିବ ସଞ୍ଜୟ କୁମାର ଛୁଆଳସିଂ, ଡ. ରାଧାଗୋବିନ୍ଦ କୁଇଲା, ଡ. ଦୟାନିଧି ସାହୁ, ଡ. ଅଜିତ୍ କୁମାର ମହାନ୍ତି, କବି ବ୍ରଜେନ୍ଦ୍ର ଗିରି ପ୍ରମୁଖ ଯୋଗଦେଇ କବି ଦୀନକୃଷ୍ଣ ଦାସଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁଗେଶ ଚନ୍ଦ୍ର ରାଉଳ ମଞ୍ଚ ଆହ୍ୱାନ କରିଥିବାବେଳେ ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ଲିଖିତ ପୁସ୍ତକ "ନୀତି ଗଳ୍ପ' ଉନ୍ମୋଚିତ ହୋଇଥିଲା। ଗ୍ରାମର ପ୍ରବେଶ ପଥରେ ୧୦ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ "ସ୍ୱାଗତମ୍ ଦୀନକୃଷ୍ଣ ସ୍ମୃତି ପୀଠ'କୁ ତହସିଲଦାର ସତ୍ୟଜିତ୍ ମହାନ୍ତି ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ଭକ୍ତକବି ଦୀନକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ କବି, କବୟିତ୍ରୀ ସ୍ୱରଚିତ କବିତାପାଠ କରିଥିଲେ। ବିଭିନ୍ନ ଦିଗରେ ପାରଦର୍ଶିତା ଅର୍ଜନ କରିଥିବା ଡ. କାଳୀକିଙ୍କର ଦାସ, ରଶ୍ମିତା ସିଂ, ସୁଭଦ୍ରା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମବାସୀଙ୍କ ସହିତ ବିପ୍ଳବ ପ୍ରଧାନ, ସୁଶାନ୍ତ ଘୋଷ, ତପନ ସାହୁ, ସନ୍ତୋଷ ସାହୁ, ଅନନ୍ତ ଦାସ, ଦୀପକ ସାହୁ, ସୁଜିତ୍ ସାହୁ, ଜଗଦୀଶ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମିର୍ଜାପୋଖରୀରେ ଚନ୍ଦନ ଯାତ୍ରା ଉଦ୍‌ଘାଟିତ







**ସଙ୍ଗୀତ ବିଚିତ୍ରାରେ ଝୁମିଲେ ଦର୍ଶକ**

ବାଲେଶ୍ୱର,୨୬।୪(ସମିସ): ପ୍ରସିଦ୍ଧ ମିର୍ଜାପୋଖରୀ ଠାରେ ୧୦୮ତମ ଚନ୍ଦନ ଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବର ପ୍ରଥମ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟି ସଭାପତି ପଦ୍ମଲୋଚନ ଲେଙ୍କା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କମିଟି କାର୍ଯ୍ୟକାରୀ ସଭାପତି ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଂଚଳବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ହେଉଥିବା ଚନ୍ଦନଯାତ୍ରାର ସେ ସଫଳତା କାମନା କରିଥିଲେ। କମିଟି ସମ୍ପାଦକ ଅରୁଣ ସ୍ୱାଇଁ ଏଥିରେ ପୌରୋହିତ୍ୟ କରିବା ସହିତ ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ୧୦୮ ବର୍ଷର ପୁରାତନ ପରମ୍ପରା ଜାରି ରଖିବାରେ କମିଟି କର୍ମକର୍ତ୍ତାଙ୍କ ପ୍ରୟାସକୁ ପ୍ରୋତ୍ସାହିତ କରିବାକୁ ନିବେଦନ କରିଥିଲେ। ସରୋଜ୍ କୁମାର ଲେଙ୍କା, ଅନୁପ ସ୍ୱାଇଁ, ମନୋଜ ଦାସ, ଅବସ ଦାସ, ଶୌର୍ଯ୍ୟ ସୁନ୍ଦର ସେନ, ପ୍ରଭାତ ମହାନ୍ତି, ଅବିନାଶ ସ୍ୱାଇଁ, ଦେବାନନ୍ଦ ରାଉତ ପ୍ରମୁଖ କମିଟିର କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ଏହି ଉତ୍ସବ ପାଳନରେ ଅତ୍ୟଧିକ ଜନଗହଳି ହେବା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ସହିତ ଜନସାଧାରଣଙ୍କୁ କର୍ମକର୍ତ୍ତାମାନେ ନିବେଦନ କରିଥିଲେ। କମିଟି ଉପସଭାପତି ଶ୍ରୀକାନ୍ତ ବୁଗୁଡାଇ ଶେଷରେ ଧନ୍ୟବାଦ ଦେଇଥିଲେ। ତେବେ ଚନ୍ଦନ ଯାତ୍ରାର ପ୍ରଥମ ସଂଧ୍ୟାରେ ସ୍ଥାନୀୟ ମିଶ୍ରସାହିରୁ ଶ୍ରୀମଦନ ମୋହନଙ୍କ ବିଗ୍ରହକୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା ପରେ ନାବକୁ ଆଗମନ ଓ ନାବକେଳି ଅନୁଷ୍ଠିତ ହୋଇଥିଲା। ମେଳାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ଦୋକାନୀ ଆସି ପସରା ମେଲାଇଛନ୍ତି। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାକାରଙ୍କ ଯାଦୁକରୀ ସଙ୍ଗୀତକୁ ଦର୍ଶକମାନେ ଦୀର୍ଘ ସମୟ ଉପଭୋଗ କରିଥିଲେ। କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ

ବାଲେଶ୍ୱର,୨୬।୪(ସମିସ): ଟାଉନସ୍ଥିତ ଗୋପାଳ ଗାଁର ସ୍ୱପ୍ନେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଏହି ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଗ୍ରାମବାସୀଙ୍କ ବହୁଦିନର ଇଚ୍ଛା ଥିଲା। ସମ୍ପୂର୍ଣ୍ଣ ବୈଦିକ ନୀତିନିୟମରେ ଯଜ୍ଞ ସହ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ବିଶିଷ୍ଟ ପ୍ରବଚକ ପଣ୍ଡିତ ଶାନ୍ତି ସ୍ୱରୂପ ମିଶ୍ରଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚନ ପରଦିନ ବହୁ ସଂଖ୍ୟାରେ ଭକ୍ତ ପ୍ରସାଦ ସେବନ କରିଥିଲେ।

## ରେମୁଣାରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ରଥକୁ ସ୍ୱାଗତ

ବାଲେଶ୍ୱର/ରେମୁଣା,୨୬ ।୪(ସମିସ): ରେମୁଣା ବଜାରଠାରେ କଂଗ୍ରେସ ଦଳ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ରଥକୁ ସ୍ୱାଗତ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ସଭାପତି ମାନସ କୁମାର ମଲିକ ସାରା ଓଡ଼ିଶାରେ ଏହି ରଥ ପରିକ୍ରମ କରିବା ସହ ଜନସାଧାରଣଙ୍କୁ ନିଶାମୁକ୍ତ ଓଡ଼ିଶା ଗଠନ କରିବାକୁ ଅନୁରୋଧ କରିବେ। ଏହି ରଥକୁ ଜିଲ୍ଲା ଅନୁସୂଚିତ ଜାତିର ସଭାପତି ବିଧାନ ଜେନା, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ରେମୁଣା ବ୍ଲକ କଂଗ୍ରେସ ସଭାପତି କହ୍ନେଇଚରଣ ବେହେରା, ତରୁଣ ଦାସ, କୃଷକ ନେତା ନିରଞ୍ଜନ ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ କେଶବ ନାୟକ, ୩୬ନମ୍ବର ଜୋନ ସଭାପତି ରବୀନ୍ଦ୍ର ମଣ୍ଡଳ, ଆଶିଷ ମହାନ୍ତି,



ସେକ୍ ରାଜୁ, ରାଜା ଖାଁ, କୁମୁଦିନି ଦାସ, ପ୍ରଭାକର ମଲ୍ଲିକ, କହ୍ନେଇ ପ୍ରଧାନ, ଜଗନ୍ନାଥ ବିଶ୍ୱାଳ, ରାଜେନ୍ଦ୍ର ଚୌଧୁରୀ ପ୍ରମୁଖଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଏହି ରଥକୁ ସ୍ୱାଗତ କରିଥିଲେ। ଏହି ନିଶାମୁକ୍ତ ଓଡ଼ିଶା ଅଭିଯାନରେ ବହୁ ଯୁବକ, ଯୁବତୀ, ମହିଳା, ଛାତ୍ର ଯୋଗଦେବାକୁ ବହୁ ଅତିଥି ମତବ୍ୟକ୍ତ କରିଛନ୍ତି। ନିଶା ଖାଇବା ଦ୍ୱାରା ଯୁବକ, ଛାତ୍ର ବିପଥଗାମୀ ହୋଇ ଦରିଦ୍ର ହେବା ସହ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ସରକାର କିନ୍ତୁ ମଦ, ବ୍ରାଉନ୍‌ସୁଗର ଆଦି ବହୁ ନିଶାକୁ ବନ୍ଦ କରୁ ନାହାନ୍ତି। ଏପରିକି ନୂତନ ଭାବେ ମଦ ଦୋକାନ ଖୋଲିବାକୁ ମଧ୍ୟ ନିର୍ଦ୍ଦେଶ ଦେଉଛନ୍ତି। ଏହା ଜନବିରୋଧୀ ହୋଇଥିବାରୁ ସରକାର ଏହାକୁ ବନ୍ଦ କରିବାକୁ ଦାବି କରାଯାଇଛି। ପରେ ଏହି ରଥ ରେମୁଣା ବଜାର ଛକ ପରିକ୍ରମା କରିଥିବାବେଳେ ରେମୁଣା ହାତିଆଗଣ୍ଡ ଛକ ସମେତ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାମାନ କରାଯାଇଥିଲା।

## ଆନନ୍ଦ ମୂର୍ତ୍ତିଜୀଙ୍କ ଜୟନ୍ତୀ ଓ ଶିଶୁମେଳା ଉଦ୍‌ଘାଟିତ





ବାଲେଶ୍ୱର,୨୬ ।୪(ସମିସ): ଆନନ୍ଦମାର୍ଗର ପ୍ରତିଷ୍ଠାତା ତଥା ଦାର୍ଶନିକ ଶ୍ରୀ ଆନନ୍ଦ ମୂର୍ତ୍ତିଜୀଙ୍କ ଜନ୍ମୋତ୍ସବ ଓ ସପ୍ତାହବ୍ୟାପି ଶିଶୁମେଳା ଉଦ୍‌ଘାଟନୀ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟର ଉପଦେଷ୍ଟା ଭଗବାନ ଗୁପ୍ତାଙ୍କ ସଭାତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୀନେଶ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉକ୍ତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ ନିଜର ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପର୍ଶୁରାମ ବେହେରା, ଯୁବ ବିକାଶର ସଭାପତି ଗୋବିନ୍ଦ ବଲ୍ଲଭ ଦଳାଇ, ସର୍ବେଶ୍ୱର ମହାନ୍ତି, ରଞ୍ଜନ କୁମାର ପାଣି, ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର, ବିଦ୍ୟାଳୟ ସଂଯୋଜକ ରଞ୍ଜନ ନାୟକ, ବନିତା ଦାସ, ଆଚାର୍ଯ୍ୟ କୃଷ୍ଣାନନ୍ଦ, ରାଧାଗୋବିନ୍ଦ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡ଼ା ସପ୍ତାହେ ବ୍ୟାପୀ ହେବାକୁ ଥିବା ଶିଶୁମେଳାରେ ଫୁଲାଡ଼ି ଓ ଆଖପାଖ ଅଞ୍ଚଳର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ପାଇଁ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଗଣିତ, ସାଧାରଣ ଜ୍ଞାନ, ନାଟକ ଓ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଭାସ୍କର ଜେନା ସ୍ୱାଗତ ଭାଷଣ ଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ଶିଶୁ ପ୍ରତିଭାଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଶୈକ୍ଷିକ ବାତାବରଣ ବୃଦ୍ଧି କରିବାରେ ବିଶେଷ ସାହାଯ୍ୟ କରିବ ବୋଲି କହିଥିଲେ। ଏହାଛଡ଼ା ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି।


## ପଦାଗାଁରେ ସାର୍ବଜନୀନ ହରିହାଟ ମହୋତ୍ସବ



ବାଲେଶ୍ୱର,୨୬।୪(ସମିସ): ସାରଗାଁ ପଞ୍ଚାୟତ ଅଧୀନ ପଦାଗାଁ ଗ୍ରାମରେ ସାର୍ବଜନୀନ ୧୫ ତମ ହରିହାଟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ସପ୍ତାହ ବ୍ୟାପି ଭାଗବତ ପାରାୟଣ ଚଉଦ ମାଦଳ ମହିଳାଙ୍କ ଦ୍ୱାରା ଶଙ୍ଖ ବାଦ୍ୟ ପ୍ରତିଯୋଗିତା, ଝୋଟି, ଚିତ୍ରାଙ୍କନ, ଛୋଟ ପିଲାମାନଙ୍କର ନାଚ ପ୍ରତିଯୋଗିତା ସହ ପ୍ରତିଦିନ ସନ୍ଧ୍ୟାରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଭଗବତପ୍ରେମୀ ଲକ୍ଷ୍ମୀଧର ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ, ସୁକାନ୍ତ ନାୟକ, ଅଜୟ ବିଶ୍ୱାଳ, ସୁରେନ୍ଦ୍ର ସାହୁ, ସୁଶାନ୍ତ ବିଶ୍ୱାଳ, ରଘୁନାଥ ଦାସ, ପୁରୁଷୋତ୍ତମ ଦାସ, କପିଳ ପ୍ରଧାନ ଏବଂ ପଦାଗାଁର ସମସ୍ତ ଭଗବତ ପ୍ରେମୀ ଏକଜୁଟ ହୋଇ ଭଜନ କୀର୍ତ୍ତନ କରିଥିଲେ। ସ୍ଥାନୀୟ ସରପଞ୍ଚ ସାବିତ୍ରୀ ଶତପଥୀ ଏବଂ ଝୁନିଲତା ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ଦ୍ୱାରା ପୁରସ୍କାର ବିତରଣ ହୋଇଯିବା ସଂଗେ ସଂଗେ ଓଡ଼ିଆ ସଂସ୍କୃତି ପରମ୍ପରା ତଥା ଓଡ଼ିଆ ଘରର ଖାଦ୍ୟ ଦହିପଖାଳ ଠାକୁରଙ୍କ ଠାରେ ଭୋଗଲାଗି ହୋଇଥିଲା।

## ପଞ୍ଚୁରୁଖିରେ ମା' ମନସାଙ୍କ ସାର୍ବଜନୀନ ପୂଜାର୍ଚ୍ଚନା

କାଳିପଦା,୨୬।୪(ସମିସ): ବାଲିଆପାଳ ବ୍ଲକ୍ ମଧୁପୁରା ପଞ୍ଚାୟତର ପଞ୍ଚୁରୁଖି ଗ୍ରାମର ଉତ୍ତର ସାହି ଛକ ନିକଟରେ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ଶନିବାର ରାତିରେ ମା' ମନସାଙ୍କର ସାର୍ବଜନୀନ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ମା'ଙ୍କର ଘଟ ଉତ୍ତୋଳନ କରାଯାଇ ରାତି ତମାମ ପୂଜାର୍ଚ୍ଚନା କରାଯାଇଥଲା। ଏହି ଅବସରରେ ମା' ମନସାଙ୍କ ଉପରେ ଏକ ଗୀତିନାଟ୍ୟ ପରିବେଷିତ ହୋଇଥିଲା। ପୂଜା କମିଟିର ସଦସ୍ୟ କୀର୍ତ୍ତନ ମହାନା, ସୁଶାନ୍ତ ଖଣ୍ଡା, ଶିବ ପ୍ରସାଦ ସାହୁ, ନାରାୟଣ ଗଙ୍ଗାଇ, ଧନଞ୍ଜୟ ବାରିକ, ଜୟ ପ୍ରକାଶ ଖଣ୍ଡା, ଶ୍ରୀକାନ୍ତ ମାହାନା, ଜୟ ନାରାୟଣ ଖଣ୍ଡା, ବିଭୂତିଭୂଷଣ ଖଣ୍ଡା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବାବେଳେ ପଞ୍ଚୁରୁଖି ଗ୍ରାମ ସହିତ ପଡ଼ୋଶୀ ଚୌଧୁରୀକୁଦ, ଚରବସ୍ତକାଳରୁଇ ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।



## ସୂର୍ଯ୍ୟେଶ୍ୱର ମହାଦେବଙ୍କ ପାଟପର୍ବ ସମାପନ

କାଳିପଦା,୨୬।୪(ସମିସ): ବାଲିଆପାଳ ବ୍ଲକ୍ ଅସ୍ତି ଗ୍ରାମପଞ୍ଚାୟତର ସୂର୍ଯ୍ୟାପୁର ଗ୍ରାମରେ ସୂର୍ଯ୍ୟେଶ୍ୱର ମହାଦେବଙ୍କ ପାଟପର୍ବ ଶନିବାର ସନ୍ଧ୍ୟାରେ ସମାପନ ହୋଇଯାଇଛି। ଏହି ଅବସରରେ ମଇଁଷିଆଡ଼ି ଗ୍ରାମରେ ଥିବା ହାକାଣ୍ଡ ପୋଖରୀରୁ ବତ୍ରଧାରୀମାନେ ଦେହର ବିଭିନ୍ନ ସ୍ଥାନରେ କଣ୍ଟା ଫୁଟାଇ ବିଭିନ୍ନ ପ୍ରକାର ସାଜସଜ୍ଜାରେ ନିଜକୁ ସଜେଇ ନାଚି ନାଚି ମହାଦେବ ମନ୍ଦିର ପର୍ଯ୍ୟନ୍ତ ଆସି ବ୍ରତ ଭାଙ୍ଗିଥିଲେ। ଏହି ପାଟପର୍ବ ଅବସରରେ ସେଠାର ଏକ ବିରାଟ ମେଳା ବସିଥିଲା। ସେହି ମେଳାରେ ବିଭିନ୍ନ ପ୍ରକାରର ଚଟ୍‌ପଟି ଖାଦ୍ୟ ସହିତ ଘରକରଣା ସାମଗ୍ରୀର ମେଳା ବସିଥିଲା। ବିଶ୍ୱମ୍ଭର ପାତ୍ର, ପ୍ରଭାକର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ତରୁଣ କୁମାର ଜେନା, ନଳିନୀକାନ୍ତ ଜେନା, ବିଜୟ ଜେନା, ସନ୍ତୋଷ କୁମାର ଜେନା, ତପନ ଜେନା, ସଞ୍ଜୟ ଜେନା, ସନ୍ତୋଷ ମହାଳିକ, ଅଶ୍ୱିନୀ ଜେନା, ଜୟଦେବ ଜେନା, ମନୋଜ ମହାଳିକ, କାଳିଆ ମହାଳିକ, ଅଦ୍ୱୈତ୍ୟ ଜେନାଙ୍କ ସହିତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



## 'ଭଲ କବିତାର ଖୋଜ୍' ପକ୍ଷରୁ ବୈଶାଖୀ କବିତା ଆସର

ବାଲେଶ୍ୱର,୨୬।୪(ସମିସ): ଆଜି ସ୍ଥାନୀୟ ଏକ ହୋଟେଲ୍ ପରିସରରେ 'ଭଲ କବିତାର ଖୋଜ୍' ପକ୍ଷରୁ ଏକ ସ୍ୱତନ୍ତ୍ର ବେଶାଖୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ କବି ଉତ୍ପଳ ମହାନ୍ତିଙ୍କ ୫୫ତମ ଜନ୍ମଦିନ ପାଳିତ ହୋଇଥିଲା। କବିତା ଆସର ପ୍ରାରମ୍ଭରେ ଆବାହକ କବି ଶ୍ରୀଦେବ ଓ କବି କୃଷ୍ଣ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ କବି ଉତ୍ପଳଙ୍କ କାବ୍ୟ ସର୍ଜନା ଉପରେ ଆଲୋକପାତ କରିଥିଲେ। ଜନ୍ମଦିନ କେକ୍ କାଟି ଆସରକୁ ଉଦ୍‌ଘାଟନ କରିଥିଲେ କବି ପ୍ରଶାନ୍ତ ଦାସ ଓ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ। ଆସରରେ କବିତା ପାଠ କରିଥିଲେ କବି ଉତ୍ପଳ ମହାନ୍ତି, ଗଙ୍ଗାଧର ବିଶ୍ୱାଳ, ପ୍ରଶାନ୍ତ ଦାସ, ଶ୍ରୀଦେବ, ସୀତାଂଶୁ ଲେଙ୍କା, କୃଷ୍ଣ କୁମାର ମହାନ୍ତି ଓ ଶୁଭେନ୍ଦୁ ଦାସ। କବିକନ୍ୟା ଦ୍ୟୁତି ମହାନ୍ତି ଏକ ଇଂରାଜୀ କବିତା ଆବୃତ୍ତି କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଆସରରେ ଭଲ କବିତାର ଖୋଜ୍ ପକ୍ଷରୁ କବି ଉତ୍ପଳ ମହାନ୍ତି କବିତା ପାଠ ଆଉ ମାଗଣାରେ କରାନଯାଉ ବୋଲି କହିବା ସହିତ କବିମାନେ ଏଥିପ୍ରତି ସଚେତନ ହେବାକୁ ପରାମର୍ଶ ଦେବା ସହିତ ଆଜି ଠାରୁ 'ଭଲ କବିତାର ଖୋଜ୍'ରେ ପଠିତ ପ୍ରତ୍ୟେକ ନୂଆ କବିତାକୁ ପାରିତୋଷିକ ପ୍ରଦାନ କରାଯିବ ବୋଲି ଏକ ଐତିହାସିକ ଘୋଷଣା କରିଥିଲେ। ଆଜିର ଆସରରେ କବିତା ପାଠ କରିଥିବା ସମସ୍ତ କବିଙ୍କୁ ପାରିତୋଷିକ ପ୍ରଦାନ କରାଯାଇ ଏହାର ଶୁଭାରମ୍ଭ କରାଯାଇଥିଲା। ଏହି ଆସରରେ ରାଜେଶ ଗିରି ଓ ଶଶୀରଞ୍ଜନ ମଲ୍ଲିକ ଉପସ୍ଥିତ ରହି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



## ସର୍ବଭାରତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କଲେ ଅନୁରାଗ

ବାଲେଶ୍ୱର,୨୬।୪(ସମିସ): ସର୍ବଭାରତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଅନୁରାଗ ଭୂୟାଁ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧୀନସ୍ଥ ଦେଉଳା ପଞ୍ଚାୟତର କଟିସାହି ଗ୍ରାମ ନିବାସୀ ପ୍ରଶାନ୍ତ କୁମାର ଭୂୟାଁ ଏବଂ ଗୀତାରାଣୀ ଭୂୟାଁଙ୍କ ସୁପୁତ୍ର ଅନୁରାଗ ନିଜ ପରିଶ୍ରମ ବଳରେ ସଫଳତା ହାସଲ କରିଛନ୍ତି। ସର୍ବ ଭାରତୀୟ ସ୍ତରରେ ଦ୍ୱିତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ଲାଭ କରି ସୁନାମ ଅର୍ଜନ କରିଛନ୍ତି ଅନୁରାଗ। ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ) ଅଧୀନରେ ସ୍ନାତକୋତ୍ତର ଶିକ୍ଷା ବିଭାଗରେ ସର୍ବ ଭାରତୀୟ ସ୍ତରରେ ପ୍ରଥମ ହୋଇ ସେ ନୂଆଦିଲ୍ଲୀସ୍ଥିତ ବାବା ସାହେବ ଆମ୍ବେଦକର କନଭେନସନ ସେଣ୍ଟରରେ ଏପ୍ରିଲ ୭ ତାରିଖରେ ଆୟୋଜିତ ୩୯ତମ ଦୀକ୍ଷାନ୍ତ ସମାରୋହରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ଠାରୁ ଏହି ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଏହି ଗରିମାମୟ ସମାରୋହରେ ଦିଲ୍ଲୀର ଉପରାଜ୍ୟପାଳ ତରଣଜିତ ସିଂହ ସନ୍ଧୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଇଗ୍ନୋର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ମଧ୍ୟ ଉପସ୍ଥିତ ରହି ସମାରୋହକୁ ଅଧିକ ଗରିମାମୟ କରିଥିଲେ। ପୂର୍ବରୁ ମଧ୍ୟ ଇଗ୍ନୋ ବି.ଏଡ଼ରେ ସର୍ବ ଭାରତୀୟସ୍ତରରେ ସର୍ବୋଚ୍ଚ ନମ୍ବର ରଖି ପୂର୍ବତନ ଭାରତର ଉପରାଷ୍ଟ୍ରପତିଙ୍କ ଠାରୁ ମଧ୍ୟ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଥିଲେ ଅନୁରାଗ। ସେ ବର୍ତ୍ତମାନ ଏସ୍. କେ. ଏଣ୍ଡ ଜେ.ଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ। ଅନୁରାଗଙ୍କ ବାପା ବ୍ରେନ ଷ୍ଟ୍ରୋକରେ ପୀଡିତ ଥିବା ବେଳେ ପରିବାରର ଦାୟିତ୍ୱ ତାଙ୍କ ଉପରେ ପଡ଼ିଥିଲା। ସେହି କଷ୍ଟକର ସମୟରେ ତାଙ୍କ ଭଉଣୀ ସୁଚିସ୍ମିତା, ସସ୍ମିତା ଓ ମୋନାଲିସା ତାଙ୍କର ମେରୁଦଣ୍ଡ ସଦୃଶ ସହଯୋଗ କରି ସବୁବେଳେ ପଛରେ ଦୃଢ଼ଭାବେ ଠିଆ ହୋଇଥିଲେ।



## ରାସ୍ତା ପାର୍ଶ୍ୱ ଖମ୍ବକୁ ଧକ୍କା ଦେଲା ଆମ୍ବୁଲାନ୍ସ

ସିମୁଳିଆ,୨୬।୪(ସମିସ): ବାଲେଶ୍ୱର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ସିମୁଳିଆ ଥାନା ସମ୍ମୁଖରେ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଖମ୍ବକୁ ଧକ୍କା ଦେଇଥିଲା। ଏଥିରେ ରୋଗୀ ସହିତ ୩ ଜଣ ଥିଲାବେଳେ ସମସ୍ତେ ସୁରକ୍ଷିତ ଅଛନ୍ତି। ଆମ୍ବୁଲାନ୍ସଟି ବିଶାଖାପାଟଣାରୁ ଲକ୍ଷ୍ନୌ ଯାଉଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ ଓ ସ୍ଥାନୀୟ ଲୋକ ପହଞ୍ଚି ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସରେ ଥିବା ସମସ୍ତ ୩ ଜଣ ସୁରକ୍ଷିତ ଥିଲେ।



# ଅଧାରେ ଅଟକିଛି ପାନୀୟଜଳ ପ୍ରକଳ୍ପ, ଲୋକେ ହୀନସ୍ତା

ଉଦଳା,୨୬।୪(ସମିସ)



ଅଧାରେ ଅଟକିଛି ପାନୀୟ ଜଳ ପ୍ରକଳ୍ପ। ଫଳରେ ଲୋକେ ପିଇବା ପାଣି ମୁନ୍ଦେ ନପାଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାମ ସରିନଥିବାବେଳେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ପଡ଼ି ନଷ୍ଟ ହେଉଛି। ନିର୍ଦ୍ଦିଷ୍ଟ ସମୟରେ ଯାହାକୁ ନେଇ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଘରକୁ ଘର ପାଇପ ଲାଇନ ସଂଯୋଗ ହୋଇଥିଲେ ହେଁ ଲୋକେ ପାଣି ପାଇପାରୁନାହାନ୍ତି। ମାସେ କି ଦୁଇ ମାସ ନୁହେଁ, ୱାର୍ଡବାସୀ ପାନୀୟ ଜଳ ପାଇବାରୁ ଆଜକୁ ତିନି ବର୍ଷ ହେବ ପାନୀୟ ବଞ୍ଚିତ ହୋଇଛନ୍ତି। ୨୦୨୦ମସିହାରେ ଉଦଳା ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଏନ୍‌ଏସିରେ ୨୬୦୦ ଘରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଥିଲା। ତେବେ କିଛି ୱାର୍ଡରେ ପ୍ରଶାସନିକ ଅଣଦେଖା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ। ୨୦୨୨ମସିହାରେ ଉଦଳା ଏନ୍‌ଏସିର ହିତାଧିକାରୀଙ୍କ ପାଇଁ ୧, ୨, ୩, ୪, ୫, ୬, ୭, ୮, ୯, ୧୦, ୧୧ ଓ ୧୨ ନମ୍ବର ୱାର୍ଡରେ ଲକ୍ଷ ଲକ୍ଷ ଟଙ୍କାରେ ପାଇପ ଲାଇନ ସଂଯୋଗ ହୋଇଥିଲା। ତେବେ ଯେଉଁ ଠିକା ସଂସ୍ଥା କାମ କରୁଥିଲା ତାହା ଅତି ନିମ୍ନମାନର କାମ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏପରିକି ୪ ନମ୍ବର ଓ ୧୨ନମ୍ବର ୱାର୍ଡରେ ମେଗା ପ୍ରୋଜେକ୍ଟରେ ଦୁଇଟି ପାନୀୟ ଜଳ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ୪ନମ୍ବର ଓ ୧୨ ନମ୍ବର ୱାର୍ଡରେ ୨୦୨୧ମସିହାରେ ୨୨କୋଟି ଟଙ୍କା ବ୍ୟୟରେ ଦୁଇଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିବାବେଳେ ୨୦୨୩ ମସିହାରେ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ହେଲେ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ କେବଳ ମୌଖିକ ଭାବେ ପାନୀୟ ଜଳ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି କହିଥିଲେ। ଉଦଳା ଏନ୍‌ଏସିରେ ୧୨ଟି ୱାର୍ଡ ପାଇଁ ୨୬୦୦ ହିତାଧିକାରୀଙ୍କୁ ପାଇପ ଲାଇନ ସଂଯୋଗ ହୋଇଥିବା ବେଳେ ଆହୁରି ୨୦୦ ହିତାଧିକାରୀ ଏବେ ଏହି ସୁବିଧା ପାଇପାରିନାହାନ୍ତି। ସମସ୍ୟା ସମ୍ପର୍କରେ ଉଦଳା ଏନ୍‌ଏସି ଅଧ୍ୟକ୍ଷାଙ୍କୁ ପଚାରିବାରୁ ପାନୀୟ ଜଳ ସମସ୍ୟା ବାବଦରେ ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସହ କିପରି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ ସେ ନେଇ ଚେଷ୍ଟା କରିବେ ବୋଲି କହିଛନ୍ତି। ତେବେ ଏ ସମ୍ପର୍କରେ ୱାଟ୍‌କୋ ଅଧିକାରୀ କିଛି ପ୍ରତିକ୍ରିୟା ଦେବେ ନାହିଁ ବୋଲି ସ୍ପଷ୍ଟ ମନା କରିଥିଲେ।

